ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଓଡ଼ିଆ କାବ୍ୟ ସାମ୍ରାଜ୍ୟରେ ସାଲିସ୍‌ବିହୀନ ବାଦ୍‌ଶାହ ଥିଲେ ହୁସେନରବି ଗାନ୍ଧୀ

**ଭଦ୍ରକ ଅଫିସ, ୩୧।୧:** ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, କବି, ରାଜନେତା ଡ. ହୁସେନ ରବି ଗାନ୍ଧୀ ଓଡ଼ିଆ କାବ୍ୟ ସାମ୍ରାଜ୍ୟରେ ସାଲିସ୍‌ବିହୀନ ବାଦ୍‌ଶାହ ଥିଲେ ବୋଲି ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ସହର ନରିପୁରସ୍ଥିତ ଜଗତ୍‌ଜନନୀ କାର୍ଯ୍ୟାଳୟରେ ସାମ୍ମୁଖ୍ୟର ସଭାପତି ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ପଣ୍ଡିତ ଦୈତାରି ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ନୀହାର ରଞ୍ଜନ କର, କବି ରମେଶ ଚନ୍ଦ୍ର ଦାସ, ବ୍ୟଙ୍ଗକବି ବିଜୟ କୁମାର ବହଳୀ, କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର, କବୟିତ୍ରୀ ପ୍ରୀତିଲତା ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଉର୍ସ ପାଇଁ ଶାନ୍ତି କମିଟି ବୈଠକ

**ଚାନ୍ଦବାଲି, ୩୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ଗୋଲାଆଡ଼ିଆ ବସ୍ତିରେ ଆସନ୍ତା ୧ ଓ ୨ ତାରିଖ ଦୁଇଦିନ ଧରି ଉର୍ସ ପର୍ବ ପାଳନ କରାଯିବ। ଏନେଇ ଶାନ୍ତି କମିଟି ବୈଠକ ଚାନ୍ଦବାଲି ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତଙ୍କ ସଂଯୋଜନାରେ ଉର୍ସ କମିଟିର କାର୍ଯ୍ୟକର୍ତ୍ତାଙ୍କ ସହ ଏନ୍‌ଏସି ଅଧିକାରୀ, ବିଦ୍ୟୁତ୍, ପିଏଚ୍‌ଡି, ସ୍ୱାସ୍ଥ୍ୟ ଏବଂ ପୋଲିସ ବିଭାଗ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ପାନୀୟଜଳ, ପରିମଳ, ଆଲୋକ ବ୍ୟବସ୍ଥା, ସଫେଇ କାର୍ଯ୍ୟକ୍ରମ, ଶବ୍ଦ ନିୟନ୍ତ୍ରଣ ଆଦି ଉପରେ ଗୁରୁତ୍ୱ ଦିଆଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ନୁରୁ ମହମ୍ମଦ ଇସମାଇଲ, ମହମ୍ମଦ ମଞ୍ଜୁର, ବଦ୍ରୀନାଥ ନାୟକ, ଏସ୍ କେ କାଦିର, ଏସ୍ କେ ଫିରୋଜ, ଗୋପୀରାମ ଅଗ୍ରୱାଲ, ଅଭିମନ୍ୟୁ ଖୁଣ୍ଟିଆ, ଚିତ୍ତରଞ୍ଜନ ରାଉତ, ବ୍ରଜ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ରୂପସା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ରାଉତପଡ଼ା କୃଷି ସମବାୟ ସମିତି ପକ୍ଷରୁ ଦୁର୍ଘଟଣାରେ ମୃତ ଓଡ଼ିଆଶାସନ ଗ୍ରାମର ଚାଷୀ ସନ୍ତୋଷ କୁମାର ପ୍ରଧାନଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ସମିତି ସଭାପତି ଦେବାଶିଷ ମହାପାତ୍ର ଏହି ବୀମାରାଶିର ଚେକ୍ ମୃତ ଚାଷୀଙ୍କ ସ୍ତ୍ରୀ ମିନତୀ ପ୍ରଧାନଙ୍କୁ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ସୃଷ୍ଟିଧର ରାଉତ, ସହସମ୍ପାଦକ ତପନ ଦୀକ୍ଷିତ, କର୍ମକର୍ତ୍ତା ଯତୀନ୍ଦ୍ର ଦାସ ଓ କବିତା ସାହୁଙ୍କ ସମେତ ବୋର୍ଡ ଡାଇରେକ୍ଟର ଓ ଚାଷୀ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଗତ ୨୦୧୯ ଡିସେମ୍ବର ୩୦ରେ ଅମର୍ଦ୍ଦାରୋଡ଼ ସମବାୟ ସମିତିରେ ଟ୍ରକରେ ଧାନ ଲୋଡ଼ିଂ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ୬୦ ନଂ. ଜାତୀୟ ରାଜପଥର ବରୁଣଗଡ଼ିଆ ଛକ ନିକଟରେ ଏକ ଭ୍ୟାନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୪ ମାସ ହେଲା ଚାଲିଛି ଫାଇଲ କାମ

**ଖଇରା, ୩୧।୧(ଡି.ଏନ.ଏ)**

ବାଲେଶ୍ୱର ଓ ଭଦ୍ରକ ୨ ଜିଲାର ଉପାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ଅନ୍ତରା ଆରଡି ରାସ୍ତା କାର୍ଯ୍ୟ ୨ମାସ ଧରି ଦ୍ରୁତଗତିରେ ଆଗେଇ ଚାଲିବା ପରେ ଏବେ ବିଦ୍ୟୁତ ବିଭାଗର ଅସହଯୋଗ ଯୋଗୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି । ବିଦ୍ୟୁତ ଖୁଣ୍ଟ ଅପସାରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ତଥା ଗଗନଧୂଳି ଗ୍ରାମ ମଝିରେ ଥିବା ଟ୍ରାନ୍ସଫର୍ମର ଅପସାରଣ ହୋଇପାରିଲାନି। ଯେଉଁଥିପାଇଁ ଅବଧି ସମୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଖାଲି ସେତିକି ନୁହେଁ ରାଜସ୍ୱ ବିଭାଗର ଅସହଯୋଗ ଯୋଗୁ ଡ୍ରେନ ତଥା ସରକାରୀ ଜାଗା ଜବରଦଖଲ ମୁକ୍ତ ହୋଇ ନ ପାରିବାରୁ ରାସ୍ତା ପ୍ରଶସ୍ତୀକରଣରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ବିଦ୍ୟୁତ ଖୁଣ୍ଟ ଅପସାରଣ ତଥା ରାସ୍ତା ୨ ପାର୍ଶ୍ୱକୁ ଜବରଦଖଲମୁକ୍ତ ପାଇଁ ଝିଙ୍କିରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ମାଝି, ଗୋବିନ୍ଦ ପଣ୍ଡା, ମଧୁସୂଦନ ଦାସ, ଲମ୍ବୋଦର ମାଝି, ମହେଶ୍ୱର ବେହେରା, ଭଗବାନ ଦାସ, କମଳାକାନ୍ତ ପଣ୍ଡା, ରତ୍ନାକର ପ୍ରଧାନ, କୈଳାସ ଜେନା, ଗୋବିନ୍ଦ ଚନ୍ଦ୍ର ସେଠୀ, ନିରଞ୍ଜନ ପ୍ରଧାନ, ଜଗନ୍ନାଥ ପୃଷ୍ଟିଙ୍କ ସମେତ ଅରଖପୁର, ତୋଟାପଡା, ପତିରାଜପୁର, ସିଂହପୁର, ମୁସ୍ତଫାବାଦ ଓ ଅଲିପୁର ଗ୍ରାମର ଅଧିବାସୀ ଦାବି କରିଛନ୍ତି।

ଉକ୍ତ ରାସ୍ତା ପାଇଁ ୧୦କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେପ୍ଟେମ୍ବର ୨୮ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟକୁ ସହଜ ଓ ସୁଗମ କରିବାକୁ ଏହି ରାସ୍ତାକୁ ଲାଗି ରହିଥିବା


ଗଗନଧୂଳି ଗ୍ରାମରେ ରାସ୍ତା କଡରେ ରହିଥିବା ଟ୍ରାନ୍ସଫର୍ମର।

### ରାସ୍ତା ନିର୍ମାଣରେ ବାଧକ ବିଦ୍ୟୁତ୍ ଖୁଣ୍ଟ

୨୫ଟି ବିଦ୍ୟୁତ ଖୁଣ୍ଟ ଅପସାରଣ କରିବାକୁ ୪ମାସ ତଳୁ ବିଦ୍ୟୁତ ବିଭାଗ(ବର୍ତ୍ତମାନର ଟାଟା ପାୱାର)କୁ ଚିଠି କରାଯିବା ପରେ ଏଷ୍ଟିମେଟ ପ୍ରଦାନ କରିବାକୁ କୁହାଯାଇଥିଲା । ହେଲେ ୨ ମାସ ତଳୁ ଆରମ୍ଭ ହୋଇ ୩୦ପ୍ରତିଶତ ରାସ୍ତା କାର୍ଯ୍ୟ ସରିଥିବା ବେଳେ ଏପର୍ଯ୍ୟନ୍ତ ବିଦ୍ୟୁତଖୁଣ୍ଟ ଅପସାରଣ ଆରମ୍ଭ ହୋଇପାରିଲାନି। ସେହିଭଳି ଗଗନଧୂଳି ଗ୍ରାମ ରାସ୍ତା ମଝିରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ହଟାଇବାକୁ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଗ୍ରାମବାସୀ ଟାଟା ପାୱାର ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଜଣାଇ ସାରିଥିଲେ ମଧ ବର୍ତ୍ତମାନ ଫାଇଲ ପ୍ରୋସେସିଂ ଚାଲିଥିବା ନେଇ ଉତ୍ତରରେ କୁହାଯାଉଛି। ଏ ସମ୍ପର୍କରେ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଅଶୋକ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ଫାଇଲ ଏସ୍‌ସିଙ୍କ ନିକଟକୁ ଯାଇଛି । ଯଥାଶୀଘ୍ର ଅପସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ।

# ଗଞ୍ଜେଇ ସହ ମଦ ଜବତ



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

**ବଇଣ୍ଡା,୩୧।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କିଆକଟା ଥାନା ବରେଣୀଛକଠାରେ ସୋମବାର ଆଠମଲ୍ଲିକ ଅବକାରୀ ବିଭାଗ ଚଢ଼ାଉ କରି ଛେଣ୍ଡିପଦା ଥାନା ଦହିବରା ଗ୍ରାମର ମଧୁସୂଦନ ବେହେରାଙ୍କଠାରୁ ୪ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ମଧୁସୂଦନ ଗଞ୍ଜେଇ ଧରି ବୌଦ୍ଧ ଅଞ୍ଚଳକୁ ଚାଲାଣ କରିବା ପାଇଁ ବାଇକ୍ ଯୋଗେ ଯାଉଥିବାବେଳେ ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ସେହିପରି ଆଠମଲ୍ଲିକ ଥାନା ଡୁଡୁଙ୍ଗ ଗ୍ରାମରେ ଚଢ଼ାଉ କରି ବାସୁଦେବ ସାହୁଙ୍କ ଘରୁ ୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି।

# କୁଷ୍ଠ ନିରାକରଣ ଶପଥ ପାଠ

**କଣିହାଁ,୩୧।୧(ଡି.ଏନ.ଏ.)**

କଣିହାଁ ବ୍ଲକସ୍ଥିତ ପବିତ୍ରମୋହନ ହାଇସ୍କୁଲଠାରେ ସୋମବାର କୁଷ୍ଠ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା, ସହକାରୀ ଶିକ୍ଷକ ସିଦ୍ଧିପ୍ରସାଦ ସାହୁ ଯୋଗଦେଇ କୁଷ୍ଠ ରୋଗୀ ଅଛୁଆଁ ନୁହନ୍ତି। ନିଦାନ ଦ୍ୱାରା ଏହା ଆରୋଗ୍ୟସାଧ । ତେଣୁ ରୋଗୀଙ୍କୁ ଅଛୁଆଁ ନ ଭାବି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରମାନେ ଶପଥପାଠ କରୁଛନ୍ତି।

# ବିଲ୍ଡିଂରେ ନିଆଁ: ୧୪ ଜଳିଗଲେ

**ରାଞ୍ଚି, ୩୧।୧**

ଝାଡ଼ଖଣ୍ଡ ଧାନବାଦ ଜିଲାରେ ଏକ ବିଲ୍ଡିଂରେ ମଙ୍ଗଳବାର ସନ୍ଧ୍ୟାରେ ନିଆଁ ଲାଗି ୩ ଶିଶୁଙ୍କ ସମେତ ୧୪ ଜଣ ଜଳିଯାଇଛନ୍ତି। ଏଥିସହ ନିଆଁରେ ପୋଡ଼ିହୋଇ କେତେଜଣ ଗୁରୁତର ଆହତ ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୬ଟାବେଳେ ଧାନବାଦର ଜୋରଫାଟକ ଅଞ୍ଚଳରେ ଥିବା ଆଶୀର୍ବାଦ ଟାୱାରର ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭା କାର୍ଯ୍ୟରେ ପ୍ରାୟ ୪୦ଟି ଦମକଳ ଗାଡ଼ି ନିୟୋଜିତ ହୋଇଛନ୍ତି। ଆହତ ୧୧ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ମୁଖ୍ୟ ଶାସନ ସଚିବ ସୁଖଦେବ ସିଂ କହିଛନ୍ତି। ଅଗ୍ନିକାଣ୍ଡ ଜନିତ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଦୁଃଖ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆହତମାନଙ୍କ ଚିକିତ୍ସା କରାଯାଉଥିବା ସେ କହିଛନ୍ତି। ଆପାର୍ଟମେଣ୍ଟରେ ଏବେ ବି ୫୦ ଜଣ ଫସି ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡି ଟୁଇଟ୍ କରିଛନ୍ତି।

# ମନେପଡ଼ିଲେ ମହାତ୍ମା


ଅତିଥିମାନେ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି।

**ପରଜଙ୍ଗ, ୩୧।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ପରଜଙ୍ଗ ବ୍ଲକ ରେଣ୍ଟାପାଟ ପଞ୍ଚାୟତ ପାଣିଗେଙ୍ଗୁଟିଆ ବନ୍ୟା ଆଶ୍ରୟସ୍ଥଳରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ପାଣିଗେଙ୍ଗୁଟିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସିଂ, କଙ୍କିଳ ପଞ୍ଚାୟତ ସରପଞ୍ଚ ମକରଚାନ୍ଦ ସାହୁ ଯୋଗଦେଇ ଦେଶ ଗଠନରେ ମହାତ୍ମା ଗାନ୍ଧୀଙ୍କ ଅବଦାନ, ତାଙ୍କ ଦର୍ଶନ ଓ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ କମିଟି ସଭ୍ୟ ଶିଶିର ଶତପଥୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ପତି, ଶୁଭଲକ୍ଷ୍ମୀ ସାହୁ, ୱାର୍ଡ ମେମ୍ବର ପ୍ରତାପ ସାହୁ, ପ୍ରଦୀପ ସାହୁ, ସୁଜାତା ସାହୁ, ଗୀତାଞ୍ଜଳି ସାହୁ, ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇ ମହାତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରିୟଦର୍ଶିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣ



ତୀର୍ଥ ଭ୍ରମଣରେ ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନେ।

**କାମାକ୍ଷାନଗର,୩୧।୧(ଡି.ଏନ.ଏ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଜିରିଡ଼ାମାଳିସ୍ଥିତ 'ଐରା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନେ ତୀର୍ଥ ଭ୍ରମଣ କରିଛନ୍ତି। ଏକ ସ୍ୱତନ୍ତ୍ର ଗାଡ଼ିରେ ସେମାନଙ୍କୁ ଘଟଗାଁ ତାରିଣୀ ପୀଠ ପରିଦର୍ଶନରେ ନିଆଯାଇଥିଲା। ମନ୍ଦିର ଦର୍ଶନ ପରେ କାନଖାଇ ପର୍ଯ୍ୟଟନସ୍ଥଳୀରେ ବଣଭୋଜିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ ପଣ୍ଡା, ସଂଯୋଜକ ପ୍ରସନ୍ନ ପଣ୍ଡା, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଗୁଣାତ୍ମକ ଶିକ୍ଷା ମୂଲ୍ୟବାନ୍

**ସାତମାଇଲ, ୩୧।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଉଡ଼କାଟେଣୀସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ (ଏସ୍‌ଏସ୍‌ଏସ୍) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ର ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀଙ୍କ ପୌରୋହିତ୍ୟରେ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ଗୁଣାତ୍ମକ ଶିକ୍ଷା ବିକାଶର କେନ୍ଦ୍ରବିନ୍ଦୁ। ଏହା ମଣି ମାଣିକ୍ୟଠାରୁ ମୂଲ୍ୟବାନ। ବିଦ୍ୟାଳୟ ଉଦ୍ୟାନ ହେଲେ ଶିକ୍ଷକ ହେଉଛନ୍ତି ମାଳୀ। ଶିକ୍ଷାନୁଷ୍ଠାନର ଯତ୍ନ ନେଇ ପିଲାମାନଙ୍କ ଆଭ୍ୟନ୍ତରୀଣ ଗୁଣାବଳୀର ବିକାଶ କରିବା ସହ ସେମାନେ ଯେପରି ବୃତ୍ତିଗତ କ୍ଷେତ୍ରରେ ଦକ୍ଷ ହୋଇପାରିବେ, ସେଥିଲାଗି ଧ୍ୟାନ ଦେବାକୁ ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ସିଆରସିସି ବବିତା ପରିଡ଼ା ଯୋଗଦେଇ ଶୃଙ୍ଖଳା, ଉପସ୍ଥାନ ବୃଦ୍ଧି, ମୋ ସ୍କୁଲ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଭିଭାବକ ପ୍ରତିନିଧି ରାଜକିଶୋର ସାହୁ, ବରିଷ୍ଠ କର୍ମଚାରୀ ଇନ୍ଦ୍ରଜିତ୍ ପରିଡ଼ାଙ୍କ ସମେତ ବହୁ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# 'ପ୍ରୀତିର ପ୍ରୟାସ' ବାର୍ଷିକ ଉତ୍ସବ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସାତମାଇଲ,୩୧।୧(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ପଞ୍ଚାୟତ ନନ୍ଦପୁର ଶାସନସ୍ଥିତ ବାବା ବିଶ୍ୱନାଥ ଶୈବ ପୀଠ ପରିସରରେ ରବିବାର ସାହିତ୍ୟିକ ଅଭୟ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆଧ୍ୟାତ୍ମିକ ଭକ୍ତିରସାତ୍ମକ ପତ୍ରିକା 'ପ୍ରୀତିର ପ୍ରୟାସ'ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂଦେଓ, ମୁଖ୍ୟବକ୍ତା ଭାବେ ପ୍ରଫେସର ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶଙ୍କୁ 'କୌସ୍ତୁଭ ମଣି', କବି ବେଣୁଧର ମହାରଣାଙ୍କୁ 'ପଞ୍ଚଜନ୍ୟ 'ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି କରୁଣାକର ବାଇ ଓ ରୂପାମ୍ବିକାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ରତିକାନ୍ତ ଗଡନାୟକ ଧନ୍ୟବାଦ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

**ପରଜଙ୍ଗ, ୩୧।୧(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ଗ୍ରାମ କୋଠଘର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ନୀତିକାନ୍ତି ଅନୁଯାୟୀ ମଣ୍ଡପରେ କଳସ ସ୍ଥାପନ ପରେ ଅହୋରାତ୍ର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଯୁବ ବିଜେଡି ନେତା ଅସିତ୍ କୁମାର ରାୟଚୌଧୁରୀ, ଜିଲା ପରିଷଦ ସଦସ୍ୟା ରୁଣୁ ବର୍ମା, ଆତ୍ମା ଅଧ୍ୟକ୍ଷ ଅକ୍ଷୟ ବେହେରା, ଜନ୍ମେଶ୍ୱର ବର୍ମା ପ୍ରମୁଖ ଯୋଗଦେଇ ଅଞ୍ଚଳରେ ଶାନ୍ତି, ମୈତ୍ରୀ ପ୍ରତିଷ୍ଠା ସହ ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଆହ୍ୱାନ ଦେଇଥିଲେ।


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ବାଘ ଆତଙ୍କ ଚର୍ଚ୍ଚା: ଗୁଜବ କହିଲା ବନ ବିଭାଗ

**ସାତମାଇଲ, ୩୧।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରେ ବାଘ ଆତଙ୍କ ଚର୍ଚ୍ଚା ଜୋର୍ ଧରିଛି। ଜଙ୍ଗଲରେ ବୁଲୁଥିବା ଏକ ବାଘର ଭିଡିଓ ସୋସିଆଲ୍ ମିଡିଆରେ ଘୂରିବୁଲୁଛି। ଏହା ଖଜୁରିଆକଟା ସେକ୍ସନ ଅନ୍ତର୍ଗତ ଗୁରିଲୋ ଜଙ୍ଗଲର ବୋଲି କୁହାଯାଉଛି। ଏହା ପ୍ରଚାରିତ ହେବା ପରେ ବହୁ ଗ୍ରାମରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପଟେ ଏହା ଏକ ଗୁଜବ ବୋଲି ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗତ ସୋମବାର ଗୁରିଲୋ ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ ଛେଳିକୁ ବାଘ ଖାଇଯାଇଥିବା ଚର୍ଚ୍ଚା ହୋଇଥିଲା। ଏପରିକି ବାଘର ପାଦଚିହ୍ନ ପଡ଼ିଥିବା ଆଲୋଚନା ହେବା ପରେ ବନ ବିଭାଗ ପହଞ୍ଚି ତଦନ୍ତ କରିଥିଲା। ତେବେ ଉକ୍ତ ପାଦଚିହ୍ନ ବାଘର ନୁହେଁ ବୋଲି ବିଭାଗ କହିଛି। ଭାଇରାଲ୍ ହେଉଥିବା ଭିଡିଓରେ ଥିବା ବାଘଟି ହେଉଛି ମହାବଳ। ହେଲେ ହିନ୍ଦୋଳ ବନାଞ୍ଚଳରେ ମହାବଳ ବାଘ ନାହାନ୍ତି। ଜାଣିଶୁଣି କେହି ଜଣେ ଏଭଳି ଗୁଜବ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିଶ୍ୱାସ ନ କରିବାକୁ ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଛନ୍ତି।

# ଆବାସ ପାଇଁ ଅପ୍ରୀତିକର ସ୍ଥିତି


ପରଜଙ୍ଗ


କାମାକ୍ଷାନଗର

**ପରଜଙ୍ଗ/କାମାକ୍ଷାନଗର, ୩୧।୧(ଡି.ଏନ୍.ଏ.)**

- ପରଜଙ୍ଗରେ ବ୍ଲକ କାର୍ଯ୍ୟାଳୟ ଘେରାଉ
- କାମାକ୍ଷାନଗରରେ ଆଶାୟୀଙ୍କ ଧାରଣା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ କାର୍ଯ୍ୟାଦେଶ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ହେଲେ ଏଥିରୁ ବହୁ ଆଶାୟୀ ବାଦ୍ ପଡ଼ିଛନ୍ତି। ଏହାକୁ ନେଇ ଗ୍ରାମାଞ୍ଚଳରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ତାଲିକାରୁ ବାଦ୍ ପଡୁଥିବା ଲୋକେ ଆନ୍ଦୋଳନ କରି ଏହାର ପ୍ରତିବାଦ କରୁଛନ୍ତି। ଢେଙ୍କାନାଳ ଜିଲାର ପରଜଙ୍ଗ ଏବଂ କାମାକ୍ଷାନଗରରେ ମଙ୍ଗଳବାର ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଆତ୍ମାହୁତି ଚେତାବନୀ ଦେଇଛନ୍ତି।

ପିଏମ୍ ଆବାସ ଯୋଜନାରେ ପରଜଙ୍ଗ ପଞ୍ଚାୟତର ୨୯୮ ହିତାଧିକାରୀଙ୍କ ନାମ ପ୍ରଥମ ପର୍ଯ୍ୟାୟ ତାଲିକାରେ ରହିଥିଲା। ତଦନ୍ତ ପରେ ମଙ୍ଗଳବାର ୯୯ ପରିବାର ମାନଦଣ୍ଡ ଅନୁଯାୟୀ ଆବାସ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଫଳରେ ତାଲିକାରୁ ବାଦ୍ ପଡ଼ିଥିବା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏହାର ପ୍ରତିବାଦରେ ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ହଟ୍ଟଗୋଳ କରିବା ସହ ବିଡିଓଙ୍କୁ ଘେରିଥିଲେ। ଉତ୍ତେଜନା ବଢ଼ିବାରୁ ପରଜଙ୍ଗ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ବିଡିଓ ସଂଗ୍ରାମ କେଶରୀ ଭୋଳ କହିଛନ୍ତି।

ଅନୁରୂପ ଭାବେ କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତର ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଝାଟିମାଟି କୁଡ଼ିଆରେ ରହୁଥିବା ଲୋକଙ୍କ ନାମ କାହିଁକି ତାଲିକାରୁ କଟାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ। ଆବଶ୍ୟକ ପଡ଼ିଲେ ଆତ୍ମାହୁତି ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ବିକାଶ କୁମାର ମହାନ୍ତି କୁହନ୍ତି, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ତଦନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ବଛାଯାଇଛି। ଅନ୍ୟମାନେ ବାଦ୍ ପଡ଼ିଛନ୍ତି। ଆନ୍ଦୋଳନ ସମସ୍ୟାର ସମାଧାନ ନୁହେଁ। ବିଧିବଦ୍ଧ ଭାବେ ଦରଖାସ୍ତ ମାଧ୍ୟମରେ ଅଭିଯୋଗ ଜଣାଇଲେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଓଡ଼ିଶା ଦଳରେ ଢେଙ୍କାନାଳର ୩ ପ୍ରତିଯୋଗୀ

**ଜାତୀୟ ଟାଏକୋଣ୍ଡୋ**

**ଢେଙ୍କାନାଳ ଅଫିସ, ୩୧।୧**

ମହାରାଷ୍ଟ୍ରର ପୁଣେସ୍ଥିତ ନିୟୁ ପ୍ରଭୁ ଶ୍ରୀଲର୍ନ ପରିସରରେ ଆସନ୍ତା ଫେବୃୟାରୀ ୪ରୁ ଅନୁଷ୍ଠିତ ହେବ ୨ ଦିନିଆ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା। ଏଥିରେ ଭାଗ ନେବାକୁ ଥିବା ଓଡ଼ିଶା ଦଳରେ ଢେଙ୍କାନାଳର ୩ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯାଜ୍ଞଶ୍ରୀ ଶତପଥୀ, ଶୁଭ୍ରାଂଶୁ ଶେଖର ସାହୁ ଏବଂ ଯୁବରାଜ ସାହୁ। ସମ୍ପୃକ୍ତ ପ୍ରତିଯୋଗୀମାନେ ୨ ତାରିଖରେ ପୁଣେ ଅଭିମୁଖେ ଗସ୍ତ କରିବେ। ସେମାନଙ୍କ ସହ ମ୍ୟାନେଜର ଭାବେ ରୁଦ୍ରନାରାୟଣ ଶତପଥୀ, ଝିଲ୍ଲୀରାଣୀ ସାହୁ ଏବଂ କୋଚ୍ ତଥା ଆମେଚର ଟାଏକୋଣ୍ଡୋ ଆସୋସିଏଶନର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ଯିବେ। ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର, ସିନିୟର ବିଭାଗରେ କ୍ୟୁରୋଗୀ ଓ ପୁମ୍‌ସେ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।



କୋଚ୍‌ଙ୍କ ସହ ମନୋନୀତ ହୋଇଥିବା ପ୍ରତିଯୋଗୀ।

## ଦଳିତ ପରିବାରଙ୍କୁ ନିର୍ଯାତନା ଅଭିଯୋଗ



**କାମାକ୍ଷାନଗର, ୩୧।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ମହାବୀରୋଡ୍ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଦଳିତ ପରିବାରଙ୍କୁ ନିର୍ଯାତନା ଦିଆଯାଉଥିବା କାମାକ୍ଷାନଗର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ବହୁ ଦଳିତ ପରିବାର ସରକାରୀ ଜମିରେ ଦୀର୍ଘବର୍ଷ ହେଲା ରହି ଆସୁଛନ୍ତି। ଘର ନିକଟବର୍ତ୍ତୀ ନଳକୂପରୁ ସେମାନେ ପାଣି ବ୍ୟବହାର କରୁଛନ୍ତି।। ଏହାକୁ କେତେଜଣ ସବର୍ଣ୍ଣ ପରିବାର ବିରୋଧ କରୁଛନ୍ତି। ସେମାନେ କୋଠଘର ସମ୍ମୁଖରେ ଆବର୍ଜନା ପକାଇବା ସହ ନଳକୂପ ଆଖପାଖ ପରିବେଶକୁ ଅପରିଷ୍କାର କରୁଛନ୍ତି। ଏଭଳି ହୀନମନ୍ୟତା ବିରୋଧରେ ସମ୍ପୃକ୍ତ ଦଳିତ ପରିବାର ମଙ୍ଗଳବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ସହକାରୀ ଜିଲାପାଳ ମଦନମୋହନ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ଦଳିତ ମହାସଂଘ ସଭାପତି ଅନ୍ତର୍ଯ୍ୟାମୀ ନାଏକ, ଲକ୍ଷ୍ମଣ ନାଏକ, ରାଜୁ ନାଏକ, ପଟାୟତ ନାଏକ, ନିଶା ନାଏକ, ରମେଶ ନାଏକ, ଦୁଃଖବନ୍ଧୁ ନାଏକ, ବଗା ନାଏକ, ହରମୋହନ ନାଏକ, ରେବତୀ ନାଏକ, ରଶ୍ମିତା ନାଏକ, ଶ୍ରୀରାମ ନାଏକ ପ୍ରମୁଖ ଦାବି କରିଛନ୍ତି।

## ପଞ୍ଚଦିବସୀୟ ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପିତ

**କାମାକ୍ଷାନଗର,୩୧।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ବାପୁ ମନ୍ଦିରରେ ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଂଗଠନ ପକ୍ଷରୁ ଚାଲିଥିବା ପଞ୍ଚ ଦିବସୀୟ ଶ୍ରୀମଦ ଭାଗବତ ଗୀତା ଜ୍ଞାନଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଚାର୍ଯ୍ୟ ବ୍ୟାସ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ପ୍ରଥମ ଦିବସରେ ଘଟ ମଣ୍ଡଳ ପୂଜନ ସହ ଶ୍ରୀମଦ ଭାଗବତ ଗୀତାର ଅଧିବାସୀୟ କର୍ମ ସମାପନ କରାଯାଇଥିଲା। ଦ୍ୱିତୀୟ ଦିବସଠାରୁ ପ୍ରତ୍ୟେକ ଦିନ ଭାଗବତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ତଥା ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ବିଶ୍ୱ କଲ୍ୟାଣ ନିମନ୍ତେ ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ସଙ୍ଗଠନ ସଭାପତି, କାର୍ଯ୍ୟକର୍ତ୍ତା ଓ ସମ୍ମାନିତ ଅତିଥି ବୃନ୍ଦ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ବସ୍ତ୍ର, ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗୀତା ଯଜ୍ଞରେ ଆଜୀବନ ସଦସ୍ୟ ରାମ କୁମାର ଆଚାର୍ଯ୍ୟ, ପ୍ରତିଭାଲକ୍ଷ୍ମୀ ମିଶ୍ର କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ବାପୁ ମନ୍ଦିରର ସଭାପତି ଅରବିନ୍ଦକାନ୍ତ ରାୟ, ସମ୍ପାଦକ ମାୟାଧର ପାଣି, କୋଷାଧ୍ୟକ୍ଷ ଶ୍ରୀରାମ ରାଉତ, ସହ ସମ୍ପାଦକ ନିରଞ୍ଜନ ସାହୁ, ଆଜୀବନ ସଦସ୍ୟ ମଙ୍ଗତଲାଲ କଟାରୁକା, ବାସୁଦେବ ସାହୁ, ଶ୍ରୀବତ୍ସ ବେହେରା, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବାପୁ ମନ୍ଦିରରେ ଆୟୋଜିତ ଗୀତା ଯଜ୍ଞ ।

## ମୃତ ଡ୍ରାଇଭରଙ୍କ ପରିଚୟ ମିଳିଲା

**ପରଜଙ୍ଗ, ୩୧।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ବଡ଼ଝରା ଗ୍ରାମ ରେଙ୍ଗାଳି ବାମପାର୍ଶ୍ୱ କେନାଲ ନିକଟରେ ସୋମବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୩୫ ସି ୦୪୩୬)ରେ ନିଆଁ ଲାଗିଯାଇଥିଲା। ଗାଡ଼ିରେ ଫସିଯାଇଥିବା ଚାଳକ ଜୀବନ୍ତ ଜଳିଯାଇଥିଲେ। ପୋଲିସ ତନାଘନା ପରେ ତାଙ୍କ ପରିଚୟ ମିଳିଛି। ସେ ହେଉଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଜାଲକିଣ୍ଡା ଗ୍ରାମର ଗଙ୍ଗାଧର ସାହୁ। କାମାକ୍ଷାନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରିବାର ଲୋକେ ଚିହ୍ନଟ କରିବା ପରେ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।


ମୃତ ଗଙ୍ଗାଧର ସାହୁ।

## ସ୍ୱାମୀ ସମେତ ୪ ଜଣଙ୍କୁ ଆଜୀବନ ଜେଲ

**ସୀତା ପ୍ରଧାନ ହତ୍ୟାକାଣ୍ଡ ମାମଲା**

**କାମାକ୍ଷାନଗର, ୩୧।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ମଙ୍ଗଳବାର ବହୁଚର୍ଚ୍ଚିତ ସୀତା ପ୍ରଧାନ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମଧୁମିତା ମହାନ୍ତି ମାମଲାର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀ ଟୁନା ବେହେରା, ଶ୍ୱଶୁର ଅଭି ବେହେରା, ଶାଶୁ ରେବତୀ ବେହେରା ଏବଂ ନଣନ୍ଦ ରୁନା ବେହେରାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା, ସୂର୍ଯ୍ୟନାରାୟଣ ସାହୁ ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ପରଜଙ୍ଗ ଥାନା ଝିଲ୍ଲୀ ଗ୍ରାମର ଧନୁ ପ୍ରଧାନ ୨୦୧୨ ଅଗଷ୍ଟ ୨୯ରେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଦର୍ଶାଇଥିଲେ ଯେ, ତାଙ୍କ ସାନଝିଅ ସୀତା ୨୦୧୨ ମାର୍ଚ୍ଚ ୨୪ରେ ପରଜଙ୍ଗ ଥାନା ବସୁଲେଇ ଗ୍ରାମର ଅଭି ବେହେରାଙ୍କ ପୁଅ ଟୁନାଙ୍କୁ କୋର୍ଟ ମ୍ୟାରେଜ କରିଥିଲେ। ବିବାହର ଦୁଇ ମାସ ପରେ ଶାଶୁଘର ଲୋକେ ଯୌତୁକ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ତଥାପି ଦାବି ଅନୁଯାୟୀ ଯୌତୁକ ଦିଆଯିବ ବୋଲି ବାପଘର ଲୋକେ ରାଜି ହୋଇଥିଲେ। ଏହା ସତ୍ତ୍ୱେ ଝିଅ ଉପରେ ନିର୍ଯାତନା କମି ନ ଥିଲା। ଓଲଟି ସେମାନେ ଟୁନାଙ୍କୁ ଅନ୍ୟତ୍ର ବିବାହ କରାଇଦେବେ ବୋଲି ଧମକ ଦେଇଥିଲେ। ସେହିମାସ ୨୯ ତାରିଖରେ ସୀତା ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଶ୍ୱଶୁର ଅଭି ଝିଅଙ୍କ ଘରେ ପହଞ୍ଚି ଅବଗତ କରାଇଥିଲେ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଧନୁ ଝିଅଙ୍କ ଶାଶୁଘରକୁ ଯିବା ପରେ ସୀତାଙ୍କ ମୃତଦେହ ପଡ଼ିଥିଲା। ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଧନୁ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ମାମଲାର କୋର୍ଟ କେସ୍ ନଂ. ସିଟିଏସ୍‌ଏସ୍ ୨୩/୧୩ର ବିଚାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

## ପ୍ରଶଂସା ସାଉଁଟିଲା ଆଦର୍ଶ ବିଦ୍ୟାଳୟ ସ୍କାଉଟ୍ସ ଟିମ୍

**ପରଜଙ୍ଗ, ୩୧।୧(ଡି.ଏନ୍.ଏ.)**

ରାଜସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରୀୟ ସ୍କାଉଟ୍ସ-ଗାଇଡ୍ସ ଜାମ୍ବୋରୀରେ ଅଂଶଗ୍ରହଣ କରିଥିବା ପରଜଙ୍ଗ ଆଦର୍ଶ ବିଦ୍ୟାଳୟର ଟିମ୍ ପ୍ରଶଂସା ସାଉଁଟିଛି। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାଶିଷ ପଲେଇ, ଗାଇଡ୍ସ କ୍ୟାପ୍‌ଟେନ୍ ସତ୍ୟଭାମା ନାୟକଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ସ ଟିମ୍‌ରେ ୧୦ ଏବଂ ଗାଇଡ୍ସ ଟିମ୍‌ରେ ୧୬ ଜଣ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ଛାତ୍ରୀଛାତ୍ର ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିବା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ସ୍କାଉଟ୍ସ, ଗାଇଡ୍ସ ଦଳର କାର୍ଯ୍ୟକୁ ନିଖୁଣ ଭାବେ ପ୍ରଦର୍ଶନ କରିଥିଲେ। ଏହାକୁ ଭୂୟସୀ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶାରୁ ୩୦୦ ଜଣ ଏଥିରେ ଭାଗ ନେଇଥିଲେ।

ଆଦର୍ଶ ବିଦ୍ୟାଳୟର ଭିଏମ୍‌ସି ମେମ୍ବର ଅନ୍ତର୍ଯ୍ୟାମୀ ବେହେରା କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିଲାଗି ବିଦ୍ୟାଳୟ ଅଧ୍ୟକ୍ଷ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ରଞ୍ଜନ ପରିଡ଼ା, ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଆଦର୍ଶ ବିଦ୍ୟାଳୟ ସ୍କାଉଟ୍ସ ଟିମ୍।

## ୧୦ରୁ ସ୍ୱତନ୍ତ୍ର ଟିକାକରଣ

- ଟାସ୍କଫୋର୍ସ ବୈଠକରେ ନିଷ୍ପତ୍ତି
- ୨ ପର୍ଯ୍ୟାୟରେ ହେବ ଟିକାଦାନ

**ଢେଙ୍କାନାଳ ଅଫିସ, ୩୧।୧**

ଢେଙ୍କାନାଳ ଜିଲା ୩ଟି ବ୍ଲକରେ ଆସନ୍ତା ଫେବୃୟାରୀ ୧୦ରୁ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ ହେବ। ୦ରୁ ୨ବର୍ଷର ଶିଶୁ, ଗର୍ଭବତୀ ଓ ମହିଳାଙ୍କୁ ଟିକା ଦିଆଯିବ। ୫ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ଡିପିଟି ଟିକା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୦ରୁ ୧୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୧ରୁ ୨୦ ଯାଏ ଏହି ଅଭିଯାନ ଚାଲିବ। ଏଥିଲାଗି ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହା ଯେପରି ଶତ ପ୍ରତିଶତ ସଫଳ ହେବ ସେଥିଲାଗି ଗୁରୁତ୍ୱ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅଭିଯାନ ଲାଗି ରାଜ୍ୟର ୧୧୯ ବ୍ଲକକୁ ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ ଢେଙ୍କାନାଳ ଜିଲାର ଗଁଦିଆ, ଓଡ଼ାପଡା ଓ ହିନ୍ଦୋଳ ବ୍ଲକକୁ ସାମିଲ କରାଯାଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରତିନିଧି ଡା. ଦୀପକ କୁମାର କର ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଲାଗି ତୃଣମୂଳସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ 'ଆମ ହସ୍ପିଟାଲ' ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରିବା, ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା, ରୋଗୀ ସୁରକ୍ଷାକୁ ଅଗ୍ରାଧିକାର ଦେବା, ସ୍ୱାସ୍ଥ୍ୟସେବା ଅନୁଷ୍ଠାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ଅଗ୍ରାଧିକାର ଦେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, କାମାକ୍ଷାନଗର ଏବଂ ହିନ୍ଦୋଳ ଉପଜିଲାପାଳଙ୍କ ସମେତ ସମ୍ପୃକ୍ତ ବ୍ଲକର ବିଡିଓ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଯକ୍ଷ୍ମା, ଡିପ୍‌ଥେରିଆ ଭଳି ୭ ସଂକ୍ରାମକ ରୋଗର ମୂଳୋତ୍ପାଟନ ପାଇଁ ଏହି ଅଭିଯାନ ଆରମ୍ଭ କରାଯିବ।


ଟାସ୍କଫୋର୍ସ ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀମାନେ।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୩୧।୧:** ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନାଲ୍‌କୋ ପୋଲିସ ତାଳଚେର କୋଲିୟରୀ ଥାନା ବଲଣ୍ଡା ପଟିଆ ହଟିଂର ପୂର୍ଣ୍ଣଚନ୍ଦ୍ର ବାସ୍କେ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଗତ ୨୭ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ବାସ୍କେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏପରି କି କାହାରିକୁ ଜଣାଇଲେ ମହିଳାଙ୍କ ସହ ତାଙ୍କ ସ୍ୱାମୀ ଓ ପିଲାଙ୍କୁ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ନଂ. ୧୮/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ସମ୍ପୃକ୍ତା ମହିଳାଙ୍କୁ ଏହା ପୂର୍ବରୁ ମଧ ବଳାତ୍କାର କରିଥିବା ଅଭିଯୋଗ ରହିଛି। ଏହି ମାମଲାର ବିଚାର ଚାଲିଥିବାବେଳେ ମହିଳାଙ୍କୁ ପୁଣି ବଳାତ୍କାର କରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ଭାଇବୋହୂଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୩୧।୧ (ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରିମୁଣ୍ଡା ଗ୍ରାମର ଏସ୍. ନାୟକଙ୍କୁ ତାଙ୍କ ଦେଢ଼ଶୁର ଶରତ ନାୟକ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଭାଇବୋହୂଙ୍କ ବାପ ଘର ଲୋକ ଆସୁଥିବା ଯୋଗୁ ଏହାର ପ୍ରତିବାଦ କରିବା ସହ ଶରତ ଝଗଡ଼ା କରିଥିଲେ। ଏସ୍. ନାୟକ ପ୍ରତିବାଦ କରିବାରୁ ତାଙ୍କୁ ଶରତ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିବା ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି।

### ପାଇକସାହିରେ ରାଜସ୍ୱ ମେଳା



**ବଇଣ୍ଡା, ୩୧।୧ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପାଇକସାହି ରାଜସ୍ୱ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲାପାଳ ତରଣି ସୁନା, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଭିନ୍ନ ରାଜସ୍ୱ ମାମଲାର ବିଚାର କରିଥିଲେ। ଏଥିରେ ୮ଟି ଜବରଦଖଲ ଅଭିଯୋଗ ସହ ୫ଟି ଜମିବାଡ଼ି ସମସ୍ୟା ସମ୍ପର୍କରେ ବିଚାର କରି ୧୦ ହଜାର ଟଙ୍କା ଆଦାୟ କରିଥିଲେ। ଅନ୍ୟମାନଙ୍କ ମଧରେ କନ୍ତପଡା ଆର୍‌ଆଇ ବିକଳ ପ୍ରଧାନ, ପାଇକସାହି ଆରଆଇ ମନୋଜ ନାୟକ ଉପସ୍ଥିତ ଥିଲେ।



ମହାନଦୀ ଗର୍ଭରେ ଥିବା କୁଦଗାଁରୁ ବାଲି ଉପରେ ଚାଲିକରି ପିଲାମାନେ ସ୍କୁଲ ଯାଉଛନ୍ତି।



ଗ୍ରାମକୁ ସରକାରୀ ଭାବେ ଯୋଗାଣ ହେଉଥିବା ପାନୀୟ ଜଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ମହିଳାମାନେ ନଦୀ ପାଣି ସଂଗ୍ରହ କରୁଛନ୍ତି।

# ସୁଧାର ଆଣିପାରିବ ସେତୁ

- ବର୍ଷକର ୪ ମାସ ପାଣି ଘେରରେ ଗାଁ
- ରାସ୍ତା, ବିଦ୍ୟୁତ୍, ଶିକ୍ଷା ବ୍ୟବସ୍ଥା ନାହିଁ
- ମହାନଦୀ ଗର୍ଭରେ ଥିବା କୁଦଗାଁ ପ୍ରତି ଘୋର ଅବହେଳା

(ଉଦୀପ୍ତ ପୁରୋହିତ)
ଆଠମଲ୍ଲିକ, ୩୧।୧

ବର୍ଷାଋତୁରେ କାଟିବାକୁ ପଡ଼େ ଜଳବନ୍ଦୀ ଜୀବନ। ବନ୍ୟା ସମୟରେ ତ ବଢ଼ିଯାଏ ବେଘର ଚିନ୍ତା। ଦିନେ କାଳେ ପାଦ ପକାଉ ନ ଥିବା ସରକାରୀ ଅଧିକାରୀ ଏହି ସମୟରେ ଧାଇଁ ଆସନ୍ତି କୁଦଗାଁକୁ। ଚାକିରି ଉପରୁ ଚାପ ହଟାଇବାକୁ ଲୋକଙ୍କ ଧନଜୀବନ ରକ୍ଷାକୁ ଦିଅନ୍ତି ସର୍ବାଧିକ ଗୁରୁତ୍ୱ। ହେଲେ ବର୍ଷର ଅନ୍ୟ ୮ ମାସ କୁଦଗାଁବାସୀ ଯେପରି ସରକାରଙ୍କ ସାବତ ସନ୍ତାନ।



ନଦୀରୁ ଗାଁ ଉପରକୁ ଉଠିବାକୁ ଥିବା ରାସ୍ତା।

ଅନୁଗୋଳ ଜିଲା ଆଠମଲ୍ଲିକ ଦେଇ ପ୍ରବାହିତ ମହାନଦୀର ମଧ୍ୟଭାଗରେ ରହିଛି କୁଦଗାଁ ଗ୍ରାମ। ଆଠମଲ୍ଲିକ–କିଆକଟା ରାଜ୍ୟ ରାଜପଥର ଖଡ଼ରାପଡ଼ା ଗ୍ରାମ ଦକ୍ଷିଣ ପାର୍ଶ୍ୱ ମହାନଦୀର ଏକ କୁଦ ଉପରେ ଥିବା ଏହି ଗାଁରେ ବସବାସ କରୁଛନ୍ତି ୮୦ ପରିବାର। ପାହାଡ଼ିଆ କି ଅପହଞ୍ଚ ଇଲାକା ହୋଇ ନ ଥିଲେ ମଧ ସରକାରୀ ଅବହେଳା ଯେପରି ଏଠାକାର ଲୋକଙ୍କ କପାଳରେ ଲେଖା। ସେଥିପାଇଁ ସେତୁ ତ ଦୂରର କଥା ଖରାଦିନିଆ ରାସ୍ତାଟିଏ ମଧ ହୋଇପାରିନି ଗ୍ରାମକୁ। ଫଳରେ ନଦୀ ବାଲି ଉପରେ ବର୍ଷର ୮ ମାସ ଚଳପ୍ରଚଳ କରୁଛନ୍ତି କୁଦଗାଁର ଜନସାଧାରଣ। ପର୍ଯ୍ୟାପ୍ତ ପାନୀୟ ଅଭାବରୁ ପିଉଛନ୍ତି ମହାନଦୀର ପାଣି। ସ୍କୁଲ ନ ଥିବାରୁ ପାଦରେ ଦୀର୍ଘପଥ ଅତିକ୍ରମ କରୁଛନ୍ତି କୋମଳମତି ପିଲା। ଗୁରୁତର ରୋଗୀଙ୍କୁ କାନ୍ଧ ଭାରରେ ବୋହି ନଦୀପାର କରୁଛନ୍ତି କୁଦଗାଁବାସୀ। ଦୀର୍ଘବର୍ଷ ଧରି ଏପରି ଦୁଃଖକଷ୍ଟରେ ଥିବା ଏଠାକାର ଲୋକେ ଖଡରାପଡା ଯାଏ ମହାନଦୀ ଉପରେ ସେତୁଟିଏ ପାଇଁ ବାରମ୍ବାର ଦାବି କରିଆସୁଛନ୍ତି। ଏହି ସେତୁ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତରେ ସୁଧାର ଆଣିପାରିବ ବୋଲି ସରକାରଙ୍କୁ ଅବଗତ କରାଉଛନ୍ତି। ହେଲେ କୁଦଗାଁ ପ୍ରତି ସରକାରୀସ୍ତରରେ ହେଉଥିବା ନିରନ୍ତର ଅବହେଳାର ଯେପରି ଶେଷ ହିଁ ନାହିଁ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ସଦର ମହକୁମାରୁ ଖଡ଼ରାପଡ଼ାର ଦୂରତା ୧୧ କିଲୋମିଟର। ସେଠାରୁ ଦେଢ଼ କିଲୋମିଟର ମାଟିରାସ୍ତାରେ ଗଲେ ପଡ଼ିବ ମହାନଦୀ। ନଦୀ ଭିତରେ ୩ କିଲୋମିଟର ଚାଲିଲେ ପହଞ୍ଚିହେବ କୁଦଗାଁ ପଞ୍ଚାୟତର କୁଦଗାଁ ଗ୍ରାମରେ। ବର୍ଷାଋତୁରେ ଡଙ୍ଗା ହିଁ ଏଠାକାର ଯାତାୟାତର ମୁଖ୍ୟ ମାଧ୍ୟମ। ହେଲେ ବନ୍ୟା ଆସିଲେ ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ। ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟାରେ ଗ୍ରାମବାସୀଙ୍କୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲେ ହେଁ ସେମାନଙ୍କ ପ୍ରାଣୀ ସମ୍ପଦ, ଘର ଆଦି ଭାସିଯାଇଥିଲା। ତେଣୁ ପ୍ରଶାସନ ପକ୍ଷରୁ କୁଦଗାଁବାସୀଙ୍କୁ ନୂଆ କୁଦଗାଁରେ ଥଇଥାନ କରିବାକୁ ପରିବାର ପିଛା ୪ ଡେସିମିଲ ଲେଖାଏଁ ଜାଗା ଯୋଗାଇ ଦିଆଯାଇଥିଲା। କିନ୍ତୁ ଚାଷ ଜମି ବଦଳରେ ଜମି ନ ମିଳିବାରୁ କୌଣସି ପରିବାର ଗାଁ ଛାଡ଼ିଲେ ନାହିଁ। ଏବେ ୩୪୦ ଜଣ ଲୋକ ଏଠାରେ ରହୁଥିବାବେଳେ ୬୦ ଜଣ ପିଲା ସ୍କୁଲରେ ପଢୁଛନ୍ତି। କିନ୍ତୁ ଗାଁରେ ସ୍କୁଲ ନ ଥିବାରୁ ପିଲାମାନେ ବାଲି ଉପରେ ଚାଲି ଚାଲି ଦୂର ସ୍କୁଲକୁ ଯାଉଛନ୍ତି। ବ୍ଲକ, ପଞ୍ଚାୟତ ଅଫିସ, ବଜାର ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀ ଧାର ଉପରେ ହ୍ୟୁମ୍ ପାଇପ୍ ପକାଇ ଖରାଦିନିଆ ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ଚାଲିକରି ଯିବାକୁ ଲୋକେ ବାଧ ହେଉଛନ୍ତି। ବିଦ୍ୟୁତୀକରଣ କରାଯାଇ ନ ଥିବାରୁ ରାତିରେ ଗାଁ ଅନ୍ଧାରରେ ରହୁଛି। ଚାଷ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଏକ ଘରୋଇ ସଂସ୍ଥା ପକ୍ଷରୁ ଦିଆଯାଉଥିବା ସୋଲାର ବିଦ୍ୟୁତ୍ ବେଶ୍ ମହଙ୍ଗା ହୋଇଥିବାରୁ ମାତ୍ର କେତୋଟି ପରିବାର ଏହି ସଂଯୋଗ ନେଇପାରିଛନ୍ତି। ସରକାରୀ ପାନୀୟ ଜଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଗ୍ରାମର ମହିଳାମାନେ ଦେଢ଼ କିମି ଦୂରକୁ ଯାଇ ମହାନଦୀ ଧାରରୁ ପାଣି ଆଣୁଛନ୍ତି। ବୌଦ୍ଧ ଓ ଆଠମଲ୍ଲିକ ଉଭୟ ପାର୍ଶ୍ୱରେ ନଦୀକୁ ଯିବା ପାଇଁ ପାହାଚ ବ୍ୟବସ୍ଥା ସହିତ ଆଠମଲ୍ଲିକ ପାର୍ଶ୍ୱ ନଦୀ ଉପରେ କୁଦଗାଁରୁ ଖଡ଼ରାପଡ଼ା ଯାଏ ସେତୁ ନିର୍ମାଣ, ସେତୁ ନ ହେବା ପର୍ଯ୍ୟନ୍ତ ହ୍ୟୁମ୍ ପାଇପ ପକାଯାଇ ଖରାଦିନିଆ ରାସ୍ତା ନିର୍ମାଣ, ମିନିଟାୱାର ଯୋଗେ ଗ୍ରାମକୁ ବିଦ୍ୟୁତୀକରଣ, ଅଙ୍ଗନୱାଡ଼ି, ସ୍କୁଲ ନିର୍ମାଣ, ଗାଁରେ ରାଶନ ସାମଗ୍ରୀ ପହଞ୍ଚାଇବା ଆଦି ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସିଛନ୍ତି। ସରପଞ୍ଚ ସିଦ୍ଧାର୍ଥ ଖେତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ଅକ୍ଟୋବର ୧୦ରେ ସ୍ଥାନୀୟ ପ୍ରଶାସନକୁ ଦାବିପତ୍ର ଦିଆଯାଇଛି। ପଞ୍ଚାୟତ ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇ ସରକାରଙ୍କୁ ଜଣାଇ ଦିଆଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, କୁଦଗାଁକୁ ବିଦ୍ୟୁତୀକରଣ କରିବା ପାଇଁ ବିଭାଗକୁ ଜଣାଇ ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିବ କି ନାହିଁ, ସେ ନେଇ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ।

### ବିଦ୍ୟୁତୀକରଣ ବ୍ୟବସ୍ଥା ହେଉ



ଗ୍ରାମବାସୀଙ୍କ ମୁଖ୍ୟ ଆୟ ପନ୍ଥା ଚାଷ। ତେଣୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ସହିତ ଉଠା ଜଳସେଚନର ବ୍ୟବସ୍ଥା ସରକାର କରନ୍ତୁ। ଏଥିସହିତ ଖରାଦିନିଆ ରାସ୍ତା ନିର୍ମାଣ କରାଗଲେ ମୌସୁମୀ ବର୍ଷା ପର୍ଯ୍ୟନ୍ତ ଗମନା ଗମନ ସୁବିଧା ହୁଅନ୍ତା।

-ମାଧବ ଭୋକ୍ତା, କୁଦଗାଁ

### ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ



ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ। ଏପରି କି ଗମନାଗମନ ପାଇଁ ଏକ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। କୁଦଗାଁରୁ ଆଠମଲ୍ଲିକ ପାର୍ଶ୍ୱକୁ ମହାନଦୀ ଉପରେ ଏକ ସେତୁ ନିର୍ମାଣ ବ୍ୟବସ୍ଥା ସହ ଅତିଶୀଘ୍ର ଗ୍ରାମକୁ ବିଦ୍ୟୁତୀକରଣ କରାଯାଉ।

-ନରେନ୍ଦ୍ର ପ୍ରଧାନ, କୁଦଗାଁ

### ବନ୍ୟା ଆସିଲେ ପ୍ରଶାସନ ନାକେଦମ



ମହାନଦୀରେ ବନ୍ୟା ଆସିଲେ ଗ୍ରାମବାସୀଙ୍କୁ ଅସ୍ଥାୟୀ ଶିବିରକୁ ଆଣିବା ପାଇଁ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ନାକେଦମ ହେଉଛି। ଗ୍ରାମବାସୀ ମଧ ହଇରାଣ ହେଉଛନ୍ତି। ତେଣୁ ସେତୁଟିଏ ନିର୍ମାଣ ହେଲେ ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟା ଦୂର ହୁଅନ୍ତା।

-ସିଦ୍ଧାର୍ଥ ଶଙ୍କର ଖେତି, ସରପଞ୍ଚ, କୁଦଗାଁ ପଞ୍ଚାୟତ

### ଟାୱାର ମାଧ୍ୟମରେ ବିଦ୍ୟୁତ୍ ଦିଆଯାଉ



ମହାନଦୀ ଗର୍ଭରେ ଥିବା ବୌଦ୍ଧ ଜିଲାର ମର୍ଜାକୁଦ ଗ୍ରାମକୁ ଟାୱାର ମାଧମରେ ବିଦ୍ୟୁତ୍ ସଂଯୋଗ ହୋଇପାରିଥିବାରୁ ଆଠମଲ୍ଲିକର କୁଦଗାଁ ଗ୍ରାମକୁ ମଧ ସେଭଳି ସୁବିଧା କରାଯାଉ। ବିଦ୍ୟୁତ୍ ବିଭାଗ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଯଥାଶୀଘ୍ର ବ୍ୟବସ୍ଥା କରୁ।

-ମମତା ମହାକୁଡ଼, ଉପାଧକ୍ଷା, ଆଠମଲ୍ଲିକ ବ୍ଲକ

### ରାସ୍ତା ସମ୍ପର୍କରେ ଆଲୋଚନା କରାଯିବ



ମହାନଦୀ ଗର୍ଭରେ ଥିବା କୁଦଗାଁ ଗ୍ରାମରେ ଅନେକ ସମସ୍ୟା ରହିଛି। ବିଶେଷକରି ଯାତାୟାତ ପାଇଁ ଏଠାକାର ଲୋକେ ହଇରାଣ ହେଉଛନ୍ତି। ତେଣୁ ମହାନଦୀରେ ଅସ୍ଥାୟୀ ତଥା ଖରାଦିନିଆ ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ସହିତ ଆଲୋଚନା କରାଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

## ଅବକାରୀ ଚଢ଼ାଉ, ୬ ଗିରଫ

**ବଇଣ୍ଡା/ ଆଠମଲ୍ଲିକ, ୩୧।୧ (ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରାଯାଇଛି। ଘୋଷାର ଗ୍ରାମର ଯୁଗଳ ପ୍ରଧାନଙ୍କ ଘରୁ ୩୦ ଲିଟର, ଆମ୍ବପାଳର ଜଗତ ଭୋଇଙ୍କ ଘରୁ ୩୫ ଲିଟର, ଅଙ୍ଗପଡାର ଶରତ ବେହେରାଙ୍କ ଘରୁ ୩୦ ଲିଟର, ଧଡରପାଳର କଉଁଠୁ ସେଠୀଙ୍କ ଘରୁ ୫୦ ଲିଟର, ଛବି ସେଠୀଙ୍କ ଘରୁ ୬୦ ଲିଟର, ବଣିଆଦୋହଲିର କୈଳାସ ନାୟକଙ୍କ ଘରୁ ୪୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଥିବା ଉପ ଆରକ୍ଷୀ ଧରଣୀଧର ପ୍ରହରାଜ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପ ଆରକ୍ଷୀଙ୍କ ସମେତ ସହକାରୀ ଉପ ଆରକ୍ଷୀ ମାନସ ରଞ୍ଜନ ପ୍ରଧାନ, ରଶ୍ମିତା ଦେହୁରୀ, କନଷ୍ଟେବଲ ଅମରଦୀପ କୁଜୁର, କୁନ୍ତଳା ବେହେରା, ଗୌରୀ ଓରାମ, ପପୁନ ପ୍ରଧାନ, ଅଜିତ କୁମାର ଭୋଇ ସାମିଲ ହୋଇଥିଲେ।



## ଘର ସମ୍ମୁଖରୁ ଯୁବକଙ୍କ ମୃତଦେହ ଜବତ

### ହତ୍ୟା ସନ୍ଦେହ କରି ଥାନାରେ ଅଭିଯୋଗ

**କଣିହାଁ, ୩୧।୧ (ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ରେଙ୍ଗାଳି ଗାଁର ସୁଧାଂଶୁ ନାଏକଙ୍କ ବଡ଼ପୁଅ ସଞ୍ଜୟ ନାଏକଙ୍କ ମୃତଦେହ ତାଙ୍କ ଘର ସମ୍ମୁଖରୁ ମଙ୍ଗଳବାର ପୋଲିସ ଜବତ କରିଛି। ସଞ୍ଜୟଙ୍କ ମୃତ୍ୟୁ କେମିତି ହେଲା ସେ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ମୃତକଙ୍କ ଭାଇ ପ୍ରମୋଦ ନାଏକ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ କହିଛି, ସଞ୍ଜୟ କିଛିବର୍ଷ ତଳେ ସେହି ଗାଁର ଡିଲେଶ୍ୱର ନାଏକଙ୍କ ବଡ଼ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ପ୍ରାୟ ୭ ମାସ ହେବ ଦମ୍ପତିଙ୍କ ମଧରେ ମତାନ୍ତର ହେବାରୁ ଉଭୟେ ଅଲଗା ରହୁଥିଲେ। ସୋମବାର ସନ୍ଧ୍ୟାରେ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ବୁଝାଶୁଝା କରି ଘରକୁ ଫେରାଇ ଆଣିବାକୁ ସଞ୍ଜୟ ଶ୍ୱଶୁର ଘରକୁ ଯାଇଥିଲେ। କିନ୍ତୁ ସେଠାରେ ପାଟିତୁଣ୍ଡ କରିବାରୁ ଶ୍ୱଶୁର ଡିଲେଶ୍ୱର ସଞ୍ଜୟଙ୍କୁ ଏକ ଘରେ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ। ରେଙ୍ଗାଳି ଥାନା ଅଧିକାରୀ ପହଞ୍ଚି ବୁଝାଶୁଝା କରି ସଞ୍ଜୟଙ୍କୁ ଘରକୁ ପଠାଇ ଦେଇଥିଲେ। ହେଲେ ସକାଳେ ସଞ୍ଜୟଙ୍କ ମୃତଦେହ ତାଙ୍କ ଘର ସମ୍ମୁଖରେ ପଡିଥିବା ଦେଖି ଭାଇ ପ୍ରମୋଦ ନାଏକ ହତ୍ୟା ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହାପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନାକୁ ପଠାଇ ଦେଇଥିଲା। ଏ ସମ୍ପର୍କରେ ଆଇଆଇସି ଅନାମ ଲାକ୍ରା କହିଛନ୍ତି, ମୃତ ସଞ୍ଜୟଙ୍କ ସ୍ତ୍ରୀ, ଶ୍ୱଶୁର, ଶାଶୁ, ଶାଳକଙ୍କୁ ଥାନାକୁ ଡାକି ପଚରା ଉଚରା କରାଯାଉଛି। ଅପରାହ୍ନରେ ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ ଆସି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

## ସେତୁ ନିର୍ମାଣ ତଦାରଖ କଲେ ଜିଲାପାଳ



ଜିଲାପାଳ ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି।

**କଣିହାଁ, ୩୧।୧ (ଡି.ଏନ.ଏ.)**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର କଣିହାଁ ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଗସ୍ତ ଅବସରରେ ଜିଲାପାଳ କଣିହାଁ–ପଚ୍ଛାଖମଣ ମଧରେ ଥିବା ଟିକିରା ନଦୀ ଉପରେ ନିର୍ମାଣାଧୀନ ପୋଲ କାର୍ଯ୍ୟ ପରିଦର୍ଶନ କରିଥିଲେ। କାର୍ଯ୍ୟରେ ବିଳମ୍ବକୁ ନେଇ ଠିକା ସଂସ୍ଥା ଅଧିକାରୀଙ୍କୁ ଜିଲାପାଳ ତାଗିଦ୍ କରିବା ସହ ଶୀଘ୍ର କାମ ସାରିବା ଏବଂ ଉପଯୁକ୍ତ ମାନର ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସହିତ କଣିହାଁ ତହସିଲଦାର ପତିତପାବନ ଦେବତା ଓ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ।

## ଅପରାଧ ରୋକିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ



ବୈଠକରେ ପୋଲିସ ଅଧିକାରୀଙ୍କ ସହ ଅଞ୍ଚଳବାସୀ।

**ବଇଣ୍ଡା, ୩୧।୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ କିଛିଦିନ ହେବ ଅପରାଧ ବଢିବାରେ ଲାଗିଛି। ବିଶେଷକରି ଚୋରା ମଦ କାରବାର ଯୋଗୁ ଗ୍ରାମାଞ୍ଚଳରେ ଅଧିକ ଅପରାଧ ଘଟୁଛି। ତେଣୁ ତାହା ରୋକିବା ସହ ଲୋକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ମଙ୍ଗଳବାର ଥାନା ପରିସରରେ ଠାକୁରଗଡ଼ ପୋଲିସ ପକ୍ଷରୁ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଆଇଆଇସି ପୀତାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଥାନା ସେକେଣ୍ଡ ଅଫିସର ଦିଲୀପ କୁମାର ସାହୁ, ଏଏସ୍‌ଆଇ ବ୍ରହ୍ମାନନ୍ଦ ସାହୁ, ଗ୍ରାମବାସୀ ଶତ୍ରୁଘ୍ନ ସାହୁ, ମନୋଜ ରାଉତ, ଦୁଷ୍ମନ୍ତ ପ୍ରଧାନ, କୁମୁଦ ଚନ୍ଦ୍ର ମିଶ୍ର, ବିଶେଶ୍ୱର ରାଉତ, ସଞ୍ଜୀବ କୁମାର ସାହୁ, ବିଭୁଦତ୍ତ ସେନାପତିଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଠାକୁରଗଡ଼ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଜଟିଳ ହେଉଥିବା ଯୋଗୁ ଏଥିପ୍ରତି ଦୃଷ୍ଟି ଦେବା ସହ ରାତ୍ରି ପାଟ୍ରୋଲିଂ କଡାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ।

## ‘ଶ୍ରବଣ ଯନ୍ତ୍ର ପିଲାଙ୍କ କାନ ସଦୃଶ’

**ଅନୁଗୋଳ ଅଫିସ, ୩୧।୧**




ଅତିଥିମାନେ ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରୁଛନ୍ତି।

ଅନୁଗୋଳ ଉଚ୍ଚ ବିଦ୍ୟାଳୟସ୍ଥିତ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧାନ କେନ୍ଦ୍ରଠାରେ ଚାଲିଥିବା ଜିଲାସ୍ତରୀୟ ନିଃଶୁଳ୍କ ଶ୍ରବଣ ପରୀକ୍ଷା ତଥା ଶ୍ରବଣ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ୬୯ ଜଣ ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କୁ ଡିଜିଟାଲ ପ୍ରୋଗ୍ରାମବଲ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ଶ୍ରବଣ ଯନ୍ତ୍ର ଶ୍ରବଣ ବାଧିତ ପିଲାମାନଙ୍କ ପାଇଁ କାନ ସଦୃଶ ଓ ଏହା ସେମାନଙ୍କୁ ସ୍ୱାବଲମ୍ବୀ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅଲ୍ଲୀ ଯୁବରଜଙ୍ଗ ଶ୍ରବଣ ଓ ବାକ୍ ସମସ୍ୟା ଥିବା ଛାତ୍ରୀଛାତ୍ରମାନଙ୍କ ଶିକ୍ଷା, ପୁନର୍ବାସ ନିମନ୍ତେ କାର୍ଯ୍ୟ କରୁଥିବା ଜାତୀୟ ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ଖୋର୍ଦ୍ଧା ଓ ଶିକ୍ଷା କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଅନୁଗୋଳର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗଳବାର ତାଳଚେର, ବଣ୍ଡରପାଳ, ପାଲଲହଡ଼ା ଓ କଣିହାଁ ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏଥିସହିତ ପୂର୍ବରୁ ଶ୍ରବଣ ଯନ୍ତ୍ର ବ୍ୟବହାର କରୁଥିବା ୨୪ ଜଣ ଛାତ୍ରୀଛାତ୍ରଙ୍କ ଶ୍ରବଣ ଯନ୍ତ୍ରକୁ ପରୀକ୍ଷା କରିବା ସହିତ ପରାମର୍ଶ ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ଆୟୋଜକ ଜାତୀୟ ପ୍ରତିଷ୍ଠାନର ଆଞ୍ଚଳିକ ଶ୍ରବଣ ବିଶେଷଜ୍ଞ ଚନ୍ଦ୍ରଚୂଡ଼ ପାଣିଗ୍ରାହୀ, ଦେବାଶିଷ ପାତ୍ର ଓ ଆଞ୍ଚଳିକ କେନ୍ଦ୍ରରେ ପଢୁଥିବା ୪ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ଶ୍ରବଣ ଯନ୍ତ୍ର ବିତରଣ କରିଥିଲେ। ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ସମସ୍ତ ଗୋଷ୍ଠୀ ସାଧାନ କର୍ମୀ ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

